**ଭାରତୀୟ ଜନତା ପାର୍ଟି**

**ତା.୦୭.୦୩.୨୦୧୩**

**ବି.ଜେ.ପି ର ରାଷ୍ଟ୍ରୀୟ ପ୍ରବକ୍ତା ଓ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କର ପ୍ରେସ ଇସ୍ତାହାର ।**

**ସିଟିଜେନ ଚାର୍ଟର ବିଲ ୨୦୧୧**

କ୍ୟାବିନେଟ ସିଟିଜେନ ଚାର୍ଟର ବିଲ ୨୦୧୧ ନେଇ ଯେଉଁ ନିଷ୍ପତ୍ତି ନେଇଅଛି ତାହା ପୂରାପୂରି ରାଜ୍ୟର ପରିସର ମଧ୍ୟକୁ ଅନଧିକାର ପ୍ରବେଶ ଅଟେ । କାରଣ ଉକ୍ତ ଆକ୍ଟକୁ ପ୍ରତ୍ୟେକ ରାଜ୍ୟ ଗ୍ରହଣ କରିବା ବାଧ୍ୟତା ମୂଳକ କରାଯାଇଛି । ଦେଶର ୧୦ରୁ ଅଧିକ ରାଜ୍ୟ ଯଥା ଜାମ୍ମୁ ଓ କାଶ୍ମୀର, ଦିଲ୍ଲୀ, ବିହାର, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ଉତ୍ତର ଖଣ୍ଡ ଆଦି ନିଜ ନିଜ ରାଜ୍ୟରେ ସିଟିଜେନ ଚାର୍ଟର ବିଲ ଓ ପବ୍ଲିକ ସର୍ଭିସ ଗ୍ୟାରେଣ୍ଟି ଆକ୍ଟ ଲାଗୁ କରିଛନ୍ତି ।

ସମ୍ବିଧାନର ତାଲିକା- ୨ ର ଆଇଟମ ନଂ ୪୧ ରେ ରାଜ୍ୟ ମାନଙ୍କୁ ତାଙ୍କୁ ସର୍ବସାଧାରଣ ସେବା କ୍ଷେତ୍ରରେ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଅଛି । ତେଣୁ କେନ୍ଦ୍ର ସରକାର ରାଜ୍ୟ ମାନଙ୍କୁ ବାଧ୍ୟବାଧକତାରେ ସିଟିଜେନ ଚାର୍ଟର ବିଲ ପ୍ରଣୟନ ପାଇଁ କହିବା ବାସ୍ତବରେ ଦେଶର ସଂଘୀୟ ଢ଼ାଞ୍ଚା ଉପରେ କୁଠାରଘାତ କହିଲେ ଭୁଲ ହେବ ନାହିଁ । କେନ୍ଦ୍ର ସରକାର କେନ୍ଦ୍ର ଚାକିରି କ୍ଷେତ୍ରରେ ଏହାକୁ ଲାଗୁ କରିପାରେ ମାତ୍ର ରାଜ୍ୟ ଉପରେ ଏହାକୁ ଆଦୌ ଲଦି ନପାରେ । ବରଂ ସେ ରାଜ୍ୟକୁ ଏଥିନେଇ କିଛିଟା ପରାମର୍ଶ ଦେଇପାରେ ।

**ଜାତୀୟ ଜନସଂଖ୍ୟା ପଞ୍ଜିକରଣ**

ସରକାର ଶେଷରେ ସ୍ୱୀକାର କଲେ କି, ଜାତୀୟ ଜନସଂଖ୍ୟା ପଞ୍ଜିକରଣ (ଏନ.ପି.ଆର) କାର୍ଯ୍ୟ ଆଧାର ପତ୍ରରୁ ମିଳୁଥିବା ଜୈବିକ ତଥ୍ୟର ଅଭାବରୁ ପଛରେ ପଡ଼ିଅଛି । ୦୬.୦୩.୨୦୧୩ ରେ ପଚରାଯାଇଥିବା ଏକ ଗୁରୁତ୍ୱମୟ ପ୍ରଶ୍ନ ନଂ ୯୯୫ ର ଉତ୍ତରରେ ସରକାର ସ୍ପଷ୍ଟ କରିଥିଲେ କି, ଏନ.ପି.ଆର ର ତଥ୍ୟ ସଂଗ୍ରହ କାଗଜ ପତ୍ର ଅନୁସାରେ ସମଗ୍ର ଦେଶର ଘର ନେଇ ୨୦୧୦ର ଜନସଂଖ୍ୟା ହିସାବରେ ଶେଷ ହୋଇଯାଇଛି । ପ୍ରାୟ ୨୬ କୋଟି ଜନତାଙ୍କର ସ୍କାନିଂ କାର୍ଯ୍ୟ ଏନ.ପି.ଆର ନିୟମ ଅନୁଯାୟୀ ଶେଷ ହୋଇଅଛି । ୧୧୪ କୋଟି ଡ଼ାଟାକୁ ତାଲିକାକୁ

ଚଢ଼ାଇବା କାର୍ଯ୍ୟ ମଧ୍ୟ ଶେଷ ହୋଇଯାଇଛି । ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୧୧ କୋଟି ଜନତାଙ୍କ ଜୈବିକ ତଥ୍ୟ ଅଧିକୃତ କରାଯାଇଛି ।

ତେଣୁ ଏହା ସ୍ପଷ୍ଟ ଯେ କେବଳ ଜୈବିକ ତଥ୍ୟ ପାଇଁ ଏନ.ପି.ଆର ଭଳି ଗୁରୁତ୍ୱମୟ କାର୍ଯ୍ୟ ଅଧାରୁ ଅଟକି ରହିଛି । ତେଣୁ ନାଗରିକ ମାନଙ୍କର ପଞ୍ଜିକରଣ କିପରି ହେବ ଓ ସେମାନଙ୍କୁ ପରିଚୟ ପତ୍ର କିପରି ମିଳିବ ? ଏହା ଜାତୀୟ ସୁରକ୍ଷା ପାଇଁ ବିଶେଷ ଜରୁରି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସରକାର ଜଣାଇଲେ କି, ମାତ୍ର ୨୨ କୋଟି ଜନତାଙ୍କ ଜୈବିକ ତଥ୍ୟ ସଂଗୃହିତ ହୋଇଅଛି । ତେଣୁ ଉତ୍ତର ଯାହା ହେଉନା କାହିଁକି ଉକ୍ତ ଜୈବିକ ତଥ୍ୟ ପାଇଁ ଏନ.ପି.ଆର କାର୍ଯ୍ୟ ଅଧାରୁ ଅଟକି ଯାଇଛି ଏହା ସତ୍ୟ ଅଟେ ।

ତେଣୁ ସରକାର ଏକ ସ୍ପଷ୍ଟ ନୀତି ନିୟମକୁ ନେଇ ଖୁବ ଶୀଘ୍ର ଏନ.ପି.ଆର କୁ ଆଧାର କରି ନାଗରିକ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରନ୍ତୁ ବୋଲି ବି.ଜେ.ପି ଦାବି କରେ ।

**ରାମ କୃପାଳ ସିହ୍ନା**

**ସମ୍ପାଦକ ବି.ଜେ.ପି ପାର୍ଲିଆମେଣ୍ଟାରୀ ପାର୍ଟି**